ନିତିଦିନ
NITIDIN

IIT BHUBANESWAR
CENTRAL LIBRARY
APR 20..

# ନରାକାସ ୱେବ୍‌ସାଇଟ୍ ଲୋକାର୍ପିତ



ଭୁବନେଶ୍ବର,୨୭/୪/ଏନ୍‌ଏନ୍‌ଏସ୍ : ନରାକାସ( ନଗର ରାଜଭାଷା କାର୍ଯ୍ୟକାରୀଣୀ ସମିତି) ଦ୍ବାରା 'ରାଜଭାଷା ନୀତିର କାର୍ଯ୍ୟକାରିତା- ସମସ୍ୟା ଓ ସମାଧାନ' ଶୀର୍ଷକ ଏକ ଦିନିକିଆ କର୍ମଶାଳା ଆଇଆଇଟି ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଆର୍ ଭି ରାଜକୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଆଇସିର ଉପ ମହାନିର୍ଦ୍ଦେଶକ ଏସ୍‌କେ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଆଇସିର ବରିଷ୍ଠ ଟେକ୍‌ନିକ ନିର୍ଦ୍ଦେଶକ ଡ. ରବି ନାରାୟଣ ବେହେରା ଯୋଗଦେଇଥିଲେ। ପ୍ରଫେସର ରାଜକୁମାର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ରାଜଭାଷାର ଉନ୍ନତିକରଣ ପାଇଁ ଆଇଟିର ବିକାଶ ଏବଂ ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ଏହି କ୍ଷେତ୍ରରେ ଏନ୍‌ଆଇସିର ସହଯୋଗ ପାଇଁ ସେ ଅନୁଷ୍ଠାନର ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଡ. ବେହେରା କହିଥିଲେ ଯେ ହିନ୍ଦୀରେ ୱେବ୍‌ସାଇଟ୍ ନିର୍ମାଣ ଏକ ଚ୍ୟାଲେଞ୍ଜ ଥିବା ସତ୍ତ୍ୱେ ସଫଳତା ମିଳିଛି। ଡ.ରାଜକୁମାର ସିଂହ, ଆରଏନ୍ ଚାନ୍ଦ,ହରିରାମ ପସାରୀ ପ୍ରମୁଖ ଏହି ୱେବ୍‌ସାଇଟ୍ ସାର୍ଥକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ନିତିନ ଜୈନ ପାୱାର ପଏଣ୍ଟ ମାଧ୍ୟମରେ ଏହାର ଉପସ୍ଥାପନ କରିଥିଲେ। ପ୍ରତିଯୋଗିତାରେ ରାମକିଶୋର ଶର୍ମା, ବିଜୟ କୁମାର ଶର୍ମା ବିଚାରକ ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ୩୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶେଷରେ ଭଗବାନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।